# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8 September - 2024

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ପଶ୍ଚିମ ଓଡ଼ିଶାର ଶକ୍ତିପୀଠଗୁଡ଼ିକରେ ଲାଗି ହେଲା ନବାନ୍ନ

— ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ନୂଆଁଖାଇ ଅବସରରେ ରାଜ୍ୟବାସୀଙ୍କୁ ଜଣାଇଲେ ଶୁଭେଚ୍ଛା

- ସମ୍ବଲପୁରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ଣରେ ସିଏମ୍ କିଷାନ ଯୋଜନାର କରିବେ ଶୁଭାରମ୍ଭ

- ସମାଜରେ ସାକ୍ଷରତାର ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ଆଜିଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ରାଜ୍ୟରେ ଲାଗି ରହିବ ବର୍ଷା

## ନୂଆଁଖାଇ-ଜିଲ୍ଲା

**ନୂଆଁଖାଇ** ପର୍ବ ପାଳନ ଅବସରରେ ଲଗ୍ନ ଅନୁଯାୟୀ, ମା' ସମଲେଶ୍ୱରୀଙ୍କଠାରେ ସକାଳ ୯ଟା ୧୨ ମିନିଟ୍‌ରୁ ୯ ଟା ୪୭ ମିନିଟ୍ ମଧ୍ୟରେ ନବାନ୍ନ ଲାଗି ହୋଇଥିଲା । ପରମ୍ପରା ଅନୁଯାୟୀ, ଆଜି ସମ୍ବଲପୁର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ଭୋର୍ ୪ଟାରୁ ଖୋଲାଯାଇ, ମା'ଙ୍କୁ ସ୍ନାନ କରାଇ ନୂତନ ବସ୍ତ୍ର ପରିଧାନ ପୂର୍ବକ ଗୁପ୍ତ ପୂଜା କରାଯାଇଥିଲା । ପୂର୍ବ ନିର୍ଦ୍ଧାରିତ ଲଗ୍ନ ଅନୁସାରେ, ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବା ପରେ ସମଗ୍ର ପଶ୍ଚିମ ଓଡ଼ିଶାରେ ଲୋକମାନେ ନୂଆ ଖାଇଥିଲେ । ଏ ସମ୍ପର୍କରେ ମା' ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟ କହିଛନ୍ତି,

**- V/O -**

**ନବରଙ୍ଗପୁର** ଜିଲ୍ଲାରେ ମଧ୍ୟ ନୂଆଖିଆ ପରବ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି । ପ୍ରତ୍ୟେକ ଗାଁରେ ଗ୍ରାମ ଦେବତୀଙ୍କ ନିକଟରେ ନବାନ୍ନ ଲାଗି କରାଯାଇଥିବାବେଳେ କନିଷ୍ଠମାନେ ବୟୋଜ୍ୟେଷ୍ଠଙ୍କୁ ପ୍ରଣାମ କରି ଆଶୀର୍ବାଦ ଲାଭ କରୁଛନ୍ତି ।

**ସୁବର୍ଣ୍ଣପୁର** ଜିଲ୍ଲାରେ ଆନନ୍ଦ ଉତ୍ସାହର ସହ ଗଣପର୍ବ ନୂଆଁଖାଇ ପାଳନ ହେଉଛି । ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ପାଖରେ ପାହୁର୍ ଭୋଗ ଲାଗି ପରେ ଲୋକମାନେ ନିଜ ନିଜର ଇଷ୍ଟ ଦେବାଦେବୀଙ୍କୁ

ନବାନ୍ନ ଭୋଗ ଲଗାଇଛନ୍ତି। ଜିଲ୍ଲାରେ ନୂଆଁଖାଇ ପାଳନ ପର୍ବ ସମ୍ପର୍କରେ ଆମ ସମ୍ବାଦଦାତା ବେଣୁଧର ପ୍ରଧାନ କହିଛନ୍ତି,

**- V/O -**

**କଳାହାଣ୍ଡି** ଜିଲ୍ଲାରେ ନୂଆଁଖାଇ ପର୍ବ ପାଳନ କରାଯାଉଛି। ଗ୍ରାମବାସୀମାନେ ନୂଆଁଖାଇ ଉପଲକ୍ଷେ ଭେଟ୍‌ଘାଟ କରୁଛନ୍ତି। ତେବେ କଳାହାଣ୍ଡି ଜିଲ୍ଲାର ମାଣିକେଶ୍ୱରୀ କ୍ଷେତ୍ର, ଭବାନୀପାଟଣା, ଜୁଗସାଇପାଟଣା, ଜୟପାଟଣା, ଥୁଆମୂଳ ରାମପୁର, ଆଦି ଅଞ୍ଚଳରେ ଆସନ୍ତା ଦଶମୀ ତିଥିରେ ନୂଆଁଖାଇ ପର୍ବ ପାଳିତ ହେବ।

ଗଣପର୍ବ ନୂଆଁଖାଇ ଅବସରରେ **ବଲାଙ୍ଗିର** ରାଜ ପରିବାର ସମେତ ଅନ୍ୟମାନେ ଏକାଠି ନବାନ୍ନ ଖାଇଛନ୍ତି। ଜିଲ୍ଲାର ସମସ୍ତ ଅଞ୍ଚଳରେ ନୂଆଖାଇ ପର୍ବ ଆଡମ୍ବର ସହକାରେ ପାଳନ କରାଯାଉଛି।

## ସି.ଏମ୍. କିଷାନ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ଣରେ ସମ୍ବଲପୁରସ୍ଥିତ ତପସ୍ୱିନୀ ପେକ୍ଷାଳୟରେ **ସି.ଏମ୍. କିଷାନ** ଯୋଜନାର ଶୁଭାରମ୍ଭ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୪୬ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନଙ୍କୁ ୯୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବେ । ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ ଏହି ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ୍‌ଖାତାରେ ଜମା କରାଯିବ । ମୁଖ୍ୟମନ୍ତ୍ରୀ ଏହି

ଅବସରରେ ସି.ଏମ୍. କିଷାନ ପୋର୍ଟାଲ୍ ସହ କୃଷକ ଓଡ଼ିଶା ୟୁନିଫାଏଡ୍ ପୋର୍ଟାଲ୍‌ର ମଧ୍ୟ ଉନ୍ମୋଚନ କରିବେ ।

ସୂଚନାଯୋଗ୍ୟ, ସି.ଏମ୍. କିଷାନ୍ ପୋର୍ଟାଲ୍ ଅଧୀନରେ ସି.ଏମ୍. କିଷାନ୍ ଓ ପି.ଏମ୍. କିଷାନ ଯୋଜନାରେ ନୂଆ ହିତାଧିକାରୀଙ୍କ ନାମ ପଞ୍ଜୀକରଣ କରାଯାଇପାରିବ । ଏହାଛଡ଼ା ଆଗାମୀ ଦୁଇ ମାସ ପର୍ଯ୍ୟନ୍ତ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ୍ କରିବାପାଇଁ ପି.ଏମ୍. କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନ ଆଜିଠାରୁ ଆରମ୍ଭ ହେବ ।

## ବିଶ୍ୱ ସାକ୍ଷରତା ଦିବସ

ସମାଜରେ ସାକ୍ଷରତାର ଗୁରୁତ୍ୱକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଉଛି । ଶିକ୍ଷାଦ୍ୱାରା ସାମୁହିକ ବିକାଶ ସମ୍ଭବ ହୋଇଥାଏ। ସେଥିପାଇଁ ସାକ୍ଷରତା ଲାଗି ସଚେତନତା ସୃଷ୍ଟି ପାଇଁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଇଥାଏ। ୧୯୬୬ ମସିହାରେ ମିଳିତ ଜାତିସଂଘର ସଂସ୍ଥା ୟୁନେସ୍କୋ ଆଜିର ଦିନକୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ପାଇଁ ନିଷ୍ପତ୍ତି ନେଇଥିଲା। ନିଷ୍ପତ୍ତି ଅନୁସାରେ, ୨୦୦୯-୧୦ ମସିହାକୁ ସଂଯୁକ୍ତ ରାଷ୍ଟ୍ର ସାକ୍ଷରତା ଦଶକ ଭାବେ ପାଳନ କରାଯାଇଥିଲା। ଚଳିତ ବର୍ଷ ବହୁଭାଷୀ ଶିକ୍ଷାର ପ୍ରୋତ୍ସାହନ, ଆପୋଷ ବୁଝାମଣା ଓ ଶାନ୍ତିପାଇଁ ସାକ୍ଷରତାର ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଉଛି । ନିରକ୍ଷରତା ଏକ ବିଶ୍ୱ ସମସ୍ୟା।

ସାକ୍ଷରତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକ ସଶକ୍ତ ସମାଜ ଗଠନ ଦିଗରେ ଶିକ୍ଷାର ଆବଶ୍ୟକତା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ସାକ୍ଷରତା ହାର ବୃଦ୍ଧି ସହିତ ଏକ ବିକଶିତ ସମାଜ ଗଠନ ଦିଗରେ ସଂକଳ୍ପ ନେବାକୁ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

## ବିଶ୍ୱ ଗ୍ରାମାଞ୍ଚଳ ବିକାଶ ଦିବସ-ଜୁଲାଇ-୬

ଜାତିସଂଘ ସାଧାରଣ ସଭାରେ ପ୍ରତିବର୍ଷ ଜୁଲାଇମାସ ୬ ତାରିଖକୁ ବିଶ୍ୱ ଗ୍ରାମାଞ୍ଚଳ ବିକାଶ ଦିବସ ଭାବେ ପାଳନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବିଶ୍ୱ ଗ୍ରାମାଞ୍ଚଳ ବିକାଶ ଦିବସ ପାଳନ ପାଇଁ ବାଂଲାଦେଶ ଜାତିସଂଘରେ ପ୍ରସ୍ତାବ ଆଣିଥିଲା। ଭାରତ, ବାଂଲାଦେଶ, ନେପାଳ, ପେରୁ, ଫିଲିପାଇନ୍ସ ଏବଂ ଥାଇଲାଣ୍ଡକୁ ନେଇ ଗଠିତ କୋର୍ ଗ୍ରୁପ୍ ମିଳିତଭାବେ ଏହାକୁ ଅଧିବେଶନରେ ଉପସ୍ଥାପନ କରିଥିଲେ। ଚଳିତମାସ ୬ ତାରିଖରେ ବିନା କୌଣସି ଭୋଟ୍‌ରେ ବିଶ୍ୱ ଗ୍ରାମାଞ୍ଚଳ ବିକାଶ ଦିବସ ପାଳନ ପାଇଁ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

## ସ୍ୱଚ୍ଛ ବାୟୁରେ ଭୁବନେଶ୍ୱରର ସ୍ଥାନ ସପ୍ତମ

ଦେଶରେ ସ୍ୱଚ୍ଛ ବାୟୁରେ ଭୁବନେଶ୍ୱର ସପ୍ତମ ସ୍ଥାନରେ ରହିଛି। ରାଜସ୍ଥାନର ଜୟପୁରରେ ହୋଇଥିବା ପରିବେଶ ସମ୍ବନ୍ଧୀୟ କର୍ମଶାଳାରେ ଉପସ୍ଥାପିତ ରିପୋର୍ଟରୁ ଏହା ଜଣାପଡିଛି। ନୀଳ ଆକାଶ ନିମନ୍ତେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପାଳିତ ହୋଇଥିବା ସ୍ୱଚ୍ଛ ବାୟୁ ଦିବସ ଅବସରରେ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି ସୂଚନା ଦେଇଛନ୍ତି।

# ଗଣେଶ ପୂଜା-ଢେଙ୍କାନାଳ

ଢେଙ୍କାନାଳରେ ଗଣେଶ ପୂଜା ପାଇଁ ସହର ଉତ୍ସବ ମୁଖର ହୋଇଉଠିଛି । ଚଳିତବର୍ଷ ସହରରେ ୩୭ଟି ପୂଜା ମଣ୍ଡପରେ ଶ୍ରୀଶ୍ରୀଗଣପତି ବିରାଜମାନ କରିଛନ୍ତି । ଆସନ୍ତା ୧୩ ତାରିଖ ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବ ।

# ଗଞ୍ଜାମ ଗଣେଶ ଭସାଣୀ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଗଣେଶ ପୂଜା ବିସର୍ଜନ ପାଇଁ ସହରର ସମୁଦାୟ ଚାରିଗୋଟି ସ୍ଥାନରେ ଅସ୍ଥାୟୀ ପୋଖରୀର ବ୍ୟବସ୍ଥା କରାଯାଇଛି । ମହାନଗର ନିଗମ ପକ୍ଷରୁ ଜଳ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି ।

# ମାଛମଡକ

ପୁରୀରେ ଥିବା ତୀର୍ଥ ପୁଷ୍କରିଣୀ ଶ୍ୱେତଗଙ୍ଗା ଓ ନରେନ୍ଦ୍ରରେ ମଲା ମାଛ ଭାସୁଥିବା ଦେଖିବାକୁ ମିଳିଛି । ମଲା ମାଛ ଦେଖିବା ପରେ ବିଭାଗୀୟ ଅଧିକାରୀ ପୁଷ୍କରିଣୀର ଜଳ ନମୁନା ସଂଗ୍ରହ କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଆମ ସମ୍ବାଦଦାତାଙ୍କ ସୂଚନା ଅନୁସାରେ, ଜଳ ନିଷ୍କାସନ ସମସ୍ୟା ତଥା ପ୍ରଦୂଷିତ ଜଳ ମିଶିବା ଫଳରେ ପୁଷ୍କରିଣୀ ଜଳରେ ଥିବା ମାଛ ମୃତ୍ୟୁର କାରଣ  ପ୍ରାଥମିକ ଭାବରେ ଜଣା ପଡିଛି । ଜଳ ନମୁନାକୁ ପରୀକ୍ଷା ପାଇଁ ଭୁବନେଶ୍ୱର ନିକଟସ୍ଥ ମାଛ ଗବେଷଣା କେନ୍ଦ୍ର-ସିଫାକୁ ପଠାଯାଇଥିବା ଜିଲ୍ଲା ମତ୍ସ୍ୟ ଅଧିକାରୀ କହିଛନ୍ତି ।

## ସଡକ ସୁରକ୍ଷା

**ଭଦ୍ରକ** ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଞ୍ଚଳିକ ପରିବହନ ଉପବିଭାଗ ଦ୍ୱାରା ୪୦ତମ ଜିଲ୍ଲା ସଡକ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରଟିଓ ରାମ ନିବାସ ସିର୍କାଙ୍କ ଦ୍ୱାରା ଉପସ୍ଥାପିତ ରିପୋର୍ଟର ସମୀକ୍ଷା କରିଥିଲେ। ସଡକ ସୁରକ୍ଷା ସମ୍ପର୍କିତ ସଚେତନତା ବୃଦ୍ଧି ପାଇଁ ବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ସୁଦୃଶ୍ୟ ଲଘୁଚାପ ଅବପାତରେ ପରିଣତ ହୋଇ ଉତ୍ତରପଶ୍ଚିମ ଆଡ଼କୁ ଅଗ୍ରସର ହେଉଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଏହା ଉତ୍ତର-ପଶ୍ଚିମକୁ ଗତି କରି ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳକୁ ମୁହାଁଇବ। ଆସନ୍ତା ୧୬ ଘଣ୍ଟା ମଧ୍ୟରେ ଏହା ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା ରହିଥିବା ପାଣିପାଗ ବିଭାଗ କହିଛି।

ଆସନ୍ତାକାଲି ଏବଂ ମଙ୍ଗଳବାର ଦିନ ବର୍ଷାର ପ୍ରଭାବ ଅଧିକ ରହିବ ବୋଲି ଅନୁମାନ କରାଯାଇଛି।

ଜୁନ୍ ମାସ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ୮୭୪ ଦଶମିକ ୯ ମିଲିମିଟର ବର୍ଷା ହୋଇଯାଇଛି। ଏହି ସମୟ ମଧ୍ୟରେ ସ୍ୱାଭାବିକ ବର୍ଷାର ପରିମାଣ ୯୯୨ ଦଶମିକ ୭ ମିଲିମିଟର ବର୍ଷା ହୋଇଥାଏ। ମାଲକାନଗିରି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବାବେଳେ ୧୭ଟି ଜିଲ୍ଲାରେ

ସ୍ୱାଭାବିକ ବର୍ଷା ହୋଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ବାକି ୧୨ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ଜଣାପଡିଛି।

**********************************